**Core VIII** # ଚତୁର୍ଥ ପର୍ଯ୍ୟାୟ (Semester-IV)

# ଆଧୁନିକ ଓଡ଼ିଆ କବିତା

**Course Outcome (ପାଠ୍ୟପତ୍ର ଫଳଶ୍ରୁତି) :**

ରାଧାନାଥଙ୍କ ସମୟରୁ ସାମ୍ପ୍ରତିକ କାଳ ପର୍ଯ୍ୟନ୍ତ ଆଧୁନିକ ଓଡ଼ିଆ କବିତାର ଉତ୍ତରଣଧାରା ଅବଗତ ହେବା ନିମିତ୍ତ ଏହି ପାଠ୍ୟପତ୍ରଟି ଉଦ୍ଦିଷ୍ଟ । ଏହି ସମୟଖଣ୍ଡର ପ୍ରତିନିଧି ଶ୍ରେଣୀୟ କବିମାନଙ୍କର କାବ୍ୟାଂଶ ବା କବିତାପଠନ ମାଧ୍ୟମରେ ଛାତ୍ରଛାତ୍ରୀ ଏ ଦିଗରେ ଜ୍ଞାନ ଆହରଣ କରିବେ।



**Unit wise Learning Outcome (ପ୍ରତି ଏକକର ଅଧ୍ୟୟନ ଫଳଶ୍ରୁତି) :**

**୧ମ ଏକକ:** ଏହି ଏକକରେ ରାଧାନାଥଙ୍କ ମହାଯାତ୍ରା, ଗଙ୍ଗାଧରଙ୍କ ତପସ୍ୱିନୀ ଓ ଭୀମ ଭୋଇଙ୍କ ସ୍ତୁତି ଚିନ୍ତାମଣିର ଗୋଟିଏ ଗୋଟିଏ ଅଂଶ ଅଧ୍ୟୟନଦ୍ୱାରା ଛାତ୍ରଛାତ୍ରୀ ପ୍ରାରମ୍ଭିକ ପର୍ଯ୍ୟାୟର ଆଧୁନିକ କାବ୍ୟଧାରା ବିଷୟରେ ଜାଣିପାରିବେ।

**୨ୟ ଏକକ:** ମଧୁସୂଦନ, ଗୋଦାବରୀଶ ଓ କୁନ୍ତଳା କୁମାରୀଙ୍କ ଗୋଟିଏ ଗୋଟିଏ କବିତା ଏହି ଏକକରେ ସ୍ଥାନିତ। ଏଥିରୁ ଆଧୁନିକ ଓଡ଼ିଆ ଗୀତିକବିତାର ବୈଚିତ୍ର୍ୟ ଓ ବିଶେଷତ୍ୱ ସାଙ୍କେତିକରୂପେ ଉପଲବ୍ଧ ହେବ ।

**୩ୟ ଏକକ:** ରାଧାମୋହନ ଗଡ଼ନାୟକ, ମାୟାଧର ମାନସିଂହ ଓ ସଚ୍ଚିଦାନନ୍ଦ ରାଉତରାୟ ପ୍ରମୁଖ ଆଧୁନିକ ଓଡ଼ିଆ ସାହିତ୍ୟର ସୁପ୍ରତିଷ୍ଠିତ କବିଙ୍କ କବିତାଗୁଡ଼ିକ ଅଧ୍ୟୟନକରି ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ।

**୪ର୍ଥ ଏକକ:** ସ୍ୱାଧୀନତା ପରବର୍ତ୍ତୀ କାଳର ବିଶିଷ୍ଟ କବିତାମାନଙ୍କ ମଧ୍ୟରେ ବିନୋଦ ଚନ୍ଦ୍ର ନାୟକଙ୍କ 'ଗ୍ରାମପଥ', ସୌରୀନ୍ଦ୍ର ବାରିକଙ୍କ 'କର୍ଣ୍ଣ' ଓ ବ୍ରହ୍ମୋତ୍ରୀ ମହାନ୍ତିଙ୍କ 'ମୃତ୍ୟୁ ସମ୍ପର୍କରେ' କବିତାତ୍ରୟ ଏକଏକ ବିଶେଷ ଦିଗର ପ୍ରତିନିଧିତ୍ୱ କରେ । ତେଣୁ ଏହାର ଅଧ୍ୟୟନଦ୍ୱାରା ଅତ୍ୟାଧୁନିକ କବିତାର ମହତ୍ତ୍ୱ ବୁଝାପଡ଼ିବ।

## ପାଠ୍ୟ ବିଷୟ

୧ମ ଏକକ : କ) ମହାଯାତ୍ରା – ୧ମ ସର୍ଗ – ରାଧାନାଥ ରାୟ
ଖ) ତପସ୍ୱିନୀ–୩ୟ ସର୍ଗ – ଗଙ୍ଗାଧର ମେହେର
ଗ) ସ୍ତୁତି ଚିନ୍ତାମଣି–୩୭ଶ ବୋଲି – ଭୀମ ଭୋଇ

୨ୟ ଏକକ : କ) ବିଚ୍ଛେଦେ (ବସନ୍ତ ଗାଥା) – ମଧୁସୂଦନ ରାଓ
ଖ) ନିମିଷକ ଦେଖା – ଗୋଦାବରୀଶ ମିଶ୍ର
ଗ) ଶେଫାଳି ପ୍ରତି – କୁନ୍ତଳା କୁମାରୀ ସାବତ

୩ୟ ଏକକ : କ) ବୀରରାଣୀ ଶୁକଦେଈ (ଉତ୍କଳିକା) – ରାଧାମୋହନ ଗଡ଼ନାୟକ
ଖ) ବିରହୀ ଘନ – ମାୟାଧର ମାନସିଂହ
ଗ) ପ୍ରତିମା ନାୟକ – ସଚ୍ଚିଦାନନ୍ଦ ରାଉତରାୟ

୪ର୍ଥ ଏକକ : କ) ଗ୍ରାମପଥ – ବିନୋଦ ଚନ୍ଦ୍ର ନାୟକ
ଖ) କର୍ଣ୍ଣ – ସୌରୀନ୍ଦ୍ର ବାରିକ
ଗ) ମୃତ୍ୟୁ ସମ୍ପର୍କରେ – ବ୍ରହ୍ମୋତ୍ରୀ ମହାନ୍ତି

**ସହାୟକ ଗ୍ରନ୍ଥସୂଚୀ(Book of reference) :**

୧. ମହାଯାତ୍ରା ଓ ରାଧାନାଥ–ସଂ. ବେଣୁଧର ରାଉତ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ
୨. ମାନସିଂହ ମାନସ– ଶ୍ରୀଚରଣ ମହାନ୍ତି, ପ୍ରଗତି ଉତ୍କଳ ସଂଘ, ରାଉରକେଲା
୩. ଗୋଦାବରୀଶ ମହାପାତ୍ର ପରିକ୍ରମା – ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ
୪. ସବୁଜ କବିତାର ରୂପ ବିଭବ –ପ୍ରମୋଦ କୁମାର ପାଢୀ, ଶ୍ୟାମା ପ୍ରକାଶନୀ, ଭୁବନେଶ୍ୱର
୫. ଆଧୁନିକ ଓଡ଼ିଆ କବିତାରେ ନାରୀ – ବଭ୍ରୁବାହନ ମହାପାତ୍ର, ବିଜୟିନୀ ପବ୍ଲିକେଶନ୍ସ, କଟକ

୬. ସନ୍ଥକବି ଭୀମ ଭୋଇ- ସାରଳା ସାହିତ୍ୟ ସଂସଦ, ଓଡ଼ିଶା ବୁକ୍ ଷ୍ଟୋର, କଟକ

**ପାଠ୍ୟପୁସ୍ତକ( Text Books):**

୧. ବସନ୍ତ ଗାଥା-ମଧୁସୂଦନ ରାଓ, ଓଡ଼ିଶା ମିଶନ୍ ପ୍ରେସ୍, କଟକ

**ନମୁନା ପ୍ରଶ୍ନ (Sample Questions):**

୧. ତପସ୍ୱିନୀ କାବ୍ୟର କେତେ ଗୋଟି ସର୍ଗ ରହିଛି ? (୧ ମାର୍କ)

୨. ମଧୁସୂଦନଙ୍କ ଦୁଇ ଗୋଟି ସମ୍ବୋଧନ ଗୀତିକାର ନାମୋଲ୍ଲେଖ କର । (୨ ମାର୍କ )

୩. ପଠିତ କବିତା ଅବଲମ୍ବନରେ ପ୍ରତିମା ନାୟକର ଜୀବନବସ୍ଥା ସୂଚାଇ ଦିଅ । (୫ ମାର୍କ)

୪. ଏକ ମିଥ୍ଧର୍ମୀ କବିତା ଭାବେ କର୍ଣ୍ଣ କବିତାର ମୂଲ୍ୟାୟନ କର । (୮ ମାର୍କ)